# Visit of External Affairs Minister to Tashkent for SCO Council of Foreign Ministers' Meeting (July 28-29, 2022)

July 29, 2022

## ଏସସିଓ ପରିଷଦର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ତାସକେଣ୍ଟ ଗସ୍ତ (28-29 ଜୁଲାଇ 2022)

**ଜୁଲାଇ 29, 2022**

ଉଜବେକିସ୍ତାନର କାର୍ଯ୍ୟବାହକ ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଭ୍ଲାଦିମିର ନୋରୋଭଙ୍କ ଆମନ୍ତ୍ରଣ କ୍ରମେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏସସିଓ ପରିଷଦର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଭାଗନେବା ପାଇଁ 28-29 ଜୁଲାଇ 2022 ତାସକେଣ୍ଟ ଗସ୍ତ କରିଥିଲେ।

2. ଭାରତ ବ୍ୟତୀତ ଚୀନ, କାଜାଖସ୍ତାନ, କିର୍ଗିଜସ୍ତାନ, ପାକିସ୍ତାନ, ଋଷ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ବୈଦେଶିକ ମନ୍ତ୍ରୀମାନେ ମଧ୍ୟ ଏହି ବୈଠକରେ ଭାଗ ନେଇଥିଲେ। ଏହି ବୈଠକରେ ଆସନ୍ତା 15-16 ସେପ୍ଟେମ୍ବର 2022 ରେ ସମରଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ରାଷ୍ଟ୍ର ମୁଖ୍ୟମାନଙ୍କ ସମ୍ମିଳନୀ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା ଏବଂ ଆନ୍ତର୍ଜାତିକ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

3. ଏସସିଓ ପରିଷଦର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ତାଙ୍କ କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନ ପ୍ରତିପକ୍ଷ ଏବଂ ଏସସିଓର ମହାସଚିବଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିଥିଲେ।

**ତାସ୍କେଣ୍ଟ**

**ଜୁଲାଇ 29, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.